ବିଦୁରଙ୍କ ଜନ୍ମ
ସମୟେକେ ବିଜେ କଲା ବ୍ୟାସ ମହାଯତି
ଦେଖିଣ ସାନନ୍ଦ ସେ ହୋଇଲେ ସତ୍ୟବତୀ । ୧ ।
ବ୍ୟାସଙ୍କୁ ରାଇଣ ସେ ବୋଲନ୍ତି ୟେକାନ୍ତେ
ଅମ୍ବୁବତୀ ଅନେକ ମତେ ହୋଇଥାଇ ଭଗତି ମୋତେ । ୨ ।
ହରିକେଶର ଦେଶର କେଶବ ନୃପତି
ସେ ରାଜା ଅଟଇ ଶୂଦ୍ର ଯୋନିରେ ଉତପତ୍ତି । ୩ । sudra raja's wife with Vyas
ତାହାର ନନ୍ଦନୀ ନାମ ଅଟଇ ଅମ୍ବୁବତୀ
ତାହାକଇଂ ପ୍ରଦାନ ହୋଇଲା ବିଚିତ୍ରବୀର୍ଯ୍ୟ ନୃପତି । ୪ ।
ୟେ ଦୁହେଂ ଯହୁଂ ହୋଇଲେ ପୁତ୍ରବନ୍ତୀ
ୟେ ଅମ୍ବୁବତୀର ମନ ବାବୁ ବହୁତ ବିକୃତି । ୫ ।
ତୁ ମୋହୋର ନନ୍ଦନ ବାବୁ ପରମ ପଣ୍ଡିତ ଗ୍ୟାନବନ୍ତ
ଅମ୍ବୁବତୀର ତହିଂ ପୁତ୍ର ଗୋଟିୟେ କର ତୁମ୍ଭେ ଜାତ । ୬ । son on order by Vyas
ମାତାଙ୍କର ବଚନେ ଯେ ବିଜୟେ ମୁନିବରେ
ପ୍ରବେଶ ହୋଇଲେ ଯାଇ ଅମ୍ବୁବତୀର ପୁରେ । ୭ ।
ଅମ୍ବିକା ଅମ୍ବାଳିକା ତହୁଂ ଜାଣି ଅଛନ୍ତି ସେ କିରତି
ତତକ୍ଷଣେ ଅନେକ ବେଶ ବେଶନ ବୋଇଲା ପ୍ରିୟବନ୍ତୀ । ୮ ।
ବ୍ୟାସଙ୍କର ଶୃଙ୍ଗାର ସେ ସହିଲା ଯୁବତୀ
ହରଷେଣ ରସିଲା ସେ ମେଳଭାବ ମତି । ୯ ।
ତୁଳ ମାସ କୃଷ୍ଣପକ୍ଷ ସପତମୀ ବୃହସ୍ପତି ବାର
ପୁଷ୍ୟା ନାମରେ ନକ୍ଷତ୍ର ଅଟେ ସେ ଦିନର । ୧୦ । horoscope
ସାଧ୍ୟ ନାମେ ଯୋଗ କରଣ ନାମ ବବ
ସଇନ୍ଦୁ ଜାତ ହୋଇଲା ବାଳକ ଅପୂରୁବ । ୧୧ ।
ଅମୃତ ଯୋଗ ଘେନି ଉତପତ୍ତି ହୋଇଲାକ ସୁତ
ଦେଖିଲେ ବ୍ୟାସ ସେ ପରମ ପଣ୍ଡିତ । ୧୨ ।
ପାଦେଣ ଜନମ ସେ ହୋଇଲା ନନ୍ଦନ
ବେନି ପାଦେ ପଦ୍ମ ଚିହ୍ନ କରତଳେ ଶଙ୍ଖ ମୀନ । ୧୩ ।
ବିଦୁବର ବାକ୍ୟେଣ ଭାଷଇ ଦିବ୍ୟବାଣୀ
ବିଦୁର ନାମ ତାକୁ ଦେଲେ ବ୍ୟାସ ମହାମୁନି । ୧୪ ।
କୋଳେ ଧରି ବ୍ୟାସେ ମୁଖେ ଦେଲେକ ଚୁମ୍ବନ
ବୋଇଲେ ଭୂତ ଭବିଷ୍ୟେ ତୁ ହୁଅସି ଗ୍ୟାନବାନ । ୧୫ ।
ସମସ୍ତ ଦୃଶ୍ୟ ତୋତେ ହୋଉ ରେ ବାଳବଚ୍ଛି
ଅନୁବ୍ରତେ କନ୍ଧରୁ ତୋର ନ ଛାଡିବ ଲଛୀ । ୧୬ ।
ଦଣ୍ଡ ବଳ ବୁଦ୍ଧି ତୋତେ ହୋଉ ସାବଧାନ
ପଣ୍ଡିତ ଧାର୍ମିକ ପଣେ ତୋର ସର୍ବଦା ଯାଉ ଦିନ । ୧୭ ।
ୟେସନେକ ବର ଯେ ବ୍ରହ୍ମ ଗୁରୁ ଦିଲେ
ପୁତ୍ରକୁ ସମର୍ପିଲେ ନେଇ ସତ୍ୟବତୀଙ୍କର କୋଳେ । ୧୮ ।
ପାରେଶ୍ୱର ବୋଇଲେ ବାବୁ ଧୃତରାଷ୍ଟ ଜାତିରେ ବ୍ରହ୍ମ ଅସୁର
ଯେବଣ କନ୍ୟାକୁ ବରଇ ସେ ହୋଅଇ ଅପହାର । ୧୯ ।
ବ୍ୟାସ ବୋଇଲେ ଗୋ କିଛିହିଂ ନ ଭାଳ ମାୟେ
ମନ୍ଦକ୍ଷଣେ ଜାତ ହୋଇଲା ମୁହିଂ ତହିଂକି ବୁଦ୍ଧି କରି ସିନା ଉପାୟେ । ୨୦-୧୨୦୯ ।
----------

୫ ।୧ ପୁତ୍ରବନ୍ତୀ = ପୁତ୍ରବତୀ ।
୧୧ ।୨ ସଇନ୍ଦୁ ଜାତ ହୋଇଲା ୟେକବାଳ । (ପା)

୧୭ ।୧  ବ୍ରହ୍ମ ବିଧି ଯୋଗ ତୋତେ ଦୃଶ୍ୟମାନ ସଂପୂର୍ଣ୍ଣ । (ପା)

୧୮  ଯେସନେକ ବରଦେଲେ ମହାବ୍ରହ୍ମ ପୁରୁଷ ।
ସତ୍ୟବତୀଙ୍କର କୋଳେ ନେଇ ଦିଲେ ବାଳଶିଷ । । (ପା)

୮ ।୧  କିରତି-କୃତି-କାର୍ଯ୍ୟ ୧୬ ।୨  ଲଛୀ-ଲକ୍ଷ୍ମୀ (ସ୍କି ପାଇଁ ଛି ଓ କ୍ଷ୍ମୀ ପାଇଁ ଛୀ ବ୍ୟବହାର ହୋଇଛି)

୧୯ । ୨ ଅପହାର-ମୃତ

****************